# NATIONAL NEWS BULLETIN (ODIA)

**18 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗ୍ରାମାଞ୍ଚଳ ବିକାଶକୁ ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।

– ସ୍ୱାମୀତ୍ୱ ଯୋଜନା ଅଧୀନରେ ୬୫ ଲକ୍ଷ ସମ୍ପତ୍ତି କାର୍ଡ ପ୍ରଦାନ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ

- ଆର୍‌ଜି କର ମେଡ଼ିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ଘଟଣାର ଆଜି ରାୟ ପ୍ରଦାନ କରିବେ ସିଆଲଦା କୋର୍ଟ

- ହମାସ ସହିତ ଅସ୍ତ୍ର ବିରତି ସଂକ୍ରାନ୍ତ ଚୁକ୍ତିକୁ ଅନୁମୋଦନ କଲା ଇସ୍ରାଏଲ୍ ନିରାପତ୍ତା ପରିଷଦ

ଏବଂ

- ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ପୁରୁଷ ମିଳିତ ବର୍ଗରେ ମାଲେସିଆକୁ ଭେଟିବ ଭାରତ

---

## ପିଏମ୍-ସ୍ୱାମିତ୍ୱ କାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗ୍ରାମାଞ୍ଚଳ ବିକାଶକୁ ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି । ଗ୍ରାମବାସୀଙ୍କ ବିକାଶ ଏବଂ

ସେମାନଙ୍କ ପାଖରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପହଞ୍ଚାଇବା ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ବିକାଶ ପାଇଁ ସରକାର ନେଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଭବିଷ୍ୟତ ଯୋଜନା ସଂପର୍କରେ ମଧ୍ୟ ସୂଚନା ପ୍ରଦାନ କରିଛନ୍ତି । ସ୍ୱାମୀତ୍ୱ ଯୋଜନା ଅଧୀନରେ ସମ୍ପତ୍ତି କାର୍ଡ ପ୍ରଦାନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ  ଏହା କହିଛନ୍ତି ।

**V/O**

ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆଜି  ସ୍ୱାମୀତ୍ୱ ଯୋଜନା ଅଧୀନରେ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ  ୫୦ ହଜାରରୁ  ଅଧିକ ଗ୍ରାମର  ୬୫ ଲକ୍ଷ ଗ୍ରାମବାସୀଙ୍କୁ ସମ୍ପତ୍ତି କାର୍ଡ ବଣ୍ଟନ କରିଛନ୍ତି । ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗକୁ ନେବା ଲକ୍ଷ୍ୟରେ ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ଏହି ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଅତ୍ୟାଧୁନିକ ଡ୍ରୋନ୍ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମଗୁଡ଼ିକର ଜନବସତି ଅଞ୍ଚଳରେ ଘର ଥିବା ପରିବାର ଗୁଡ଼ିକୁ ଏହି ଯୋଜନା ଅଧୀନରେ ରେକର୍ଡ ଅଫ୍ ରାଇଟସ୍ ପ୍ରଦାନ କରାଯାଇଥାଏ ।

ବର୍ତ୍ତମାନ ୩ ଲକ୍ଷ ୧୭ ହଜାରରୁ ଅଧିକ ଗ୍ରାମରେ ଡ୍ରୋନ୍ ସର୍ଭେ ଶେଷ ହୋଇଛି, ଯେଉଁଥିରେ ୯୨ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ଥିବା ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିଭଳି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ଲାଗି ୨ କୋଟି ୨୫ ଲକ୍ଷ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଛି । ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତ୍ରିପୁରା, ଗୋଆ, ଉତ୍ତରାଖଣ୍ଡ ଓ ହରିଆଣାରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇସାରିଛି ।

ତେବେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଛତିଶଗଡ଼ ସମେତ ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳରେ ଡ୍ରୋନ୍ ସର୍ଭେ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଥିବା ଜଣାପଡ଼ିଛି ।

## ସିଙ୍ଗାପୁର ପ୍ରେଜ୍-ଓଡ଼ିଶା ଭିଜିଟ୍

ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି  ଥର୍ମନ୍ ଶନ୍‌ମୁଗ୍ ରତ୍‌ନମ ଆଜି ପୁରୀ ଜିଲ୍ଲାର ରଘୁରାଜପୁରୁ ଐତିହ୍ୟ ଗ୍ରାମ ଗସ୍ତ କରିଥିଲେ । ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେ ଶିଳ୍ପୀ ଗ୍ରାମ ବୁଲି ଦେଖିବା ସହ ପଟ୍ଟଚିତ୍ର ଶିଳ୍ପ ଦେଖି ଅଭିଭୂତ ହୋଇଥିଲେ । ଓଡ଼ିଶାର କଳା ସଂସ୍କୃତି ସହ ଗୋଟିପୁଅ ନୃତ୍ୟର ଝଲକ ଦେଖି ଏହାର ପ୍ରଶଂସା କରିଥିଲେ । ଏହା ପରେ ସେ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ। ଶ୍ରୀ ଶନ୍‌ମୁଗ୍ ରତ୍‌ନମଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଥିପାଇଁ ସାଧାରଣ ପର୍ଯ୍ୟଟକଙ୍କ ଗସ୍ତ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା ।

ଏହା ପରେ  ରାଷ୍ଟ୍ରପତି ଶ୍ରୀ ଶନ୍‌ମୁଗ୍ ରତ୍‌ନମ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅନ୍ଧାରୁଆଠାରେ ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ରକୁ ପରିଦର୍ଶନ କରିବା ସହ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।  ସୂଚନାଯୋଗ୍ୟ ଭାରତ-ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭୁବନେଶ୍ୱରଠାରେ ଗତକାଲି ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୧୮ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧାପ୍ରସାରଣ ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଆର୍.ଜି.କର

ବହୁ ପ୍ରତୀକ୍ଷିତ କୋଲକାତାର ଆର୍.ଜି. କର ମେଡ଼ିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିଅଲଦା କୋର୍ଟ ଆଜି ରାୟ ପ୍ରକାଶ କରିବ । ତଦନ୍ତକାରୀ ସଂସ୍ଥା -ସିବିଆଇ ଏହି ମାମଲାରେ ସଂଜୟ ରାୟ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ଅନ୍ୟପକ୍ଷରେ ପୀଡ଼ିତାଙ୍କ ପିତାମାତା, ଜୁନିଅର ଡାକ୍ତରମାନେ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଏହି ଘଟଣାରେ ସିବିଆଇ ଅନ୍ୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ କରିବାରେ ବିଫଳ ହୋଇଛି ବୋଲି କହି ସେମାନଙ୍କର ପୀଡ଼ା ପ୍ରକାଶ କରିଛନ୍ତି । ଅପରାଧର ପୃଷ୍ଠଭୂମିକୁ ଲକ୍ଷ୍ୟ କଲେ ଏହି ମାମଲାରେ ଅନ୍ୟ ଲୋକମାନଙ୍କର ସଂପୃକ୍ତି ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

# ଇସ୍ରାଏଲ୍-ହମାସ

ଇସ୍ରାଏଲ୍ ନିରାପତ୍ତା ପରିଷଦ ହମାସ ସହିତ ପଣବନ୍ଦୀ ମୁକ୍ତି ଏବଂ ଅସ୍ତ୍ର ବିରତି ସଂକ୍ରାନ୍ତ ଚୁକ୍ତିକୁ ଅନୁମୋଦନ କରିଛି । ଗାଜା ଇତିହାସରେ ଏକ ଘାତକ ବିବାଦର ପରିସମାପ୍ତି ପାଇଁ ଏହା ଏକ ପ୍ରମୁଖ ପଦକ୍ଷେପ । କତାର, ଆମେରିକା, ଏବଂ ଇଜିପ୍ଟର ମଧ୍ୟସ୍ଥତାରେ ହୋଇଥିବା ଏହି ବୁଝାମଣା ଜାରି ରହିଥିବା ହିଂସାକୁ ବନ୍ଦ କରିବ ବୋଲି ଆଶା କରାଯାଉଛି ।

ଗତକାଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି, ସମସ୍ତ କୂଟନୈତିକ, ସୁରକ୍ଷା ଏବଂ ମାନବିକ ଦିଗ ଗୁଡ଼ିକର  ମୂଲ୍ୟାଙ୍କନ ପରେ ସୁରକ୍ଷା କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି । ଏହି ବୁଝାମଣା ଆସନ୍ତାକାଲିଠାରୁ ଲାଗୁ ହେବ । ଆସନ୍ତା କାଲି ଅପରାହ୍ନ ସୁଦ୍ଧା ପ୍ରଥମ ୩ଜଣ ମହିଳା ପଣବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଆଶା କରାଯାଉଛି ।

# ଆମେରିକା-ଟିକ୍‌ଟକ୍

ଆମେରିକାରେ ଆସନ୍ତାକାଲିଠାରୁ ସାମାଜିକ ଗଣମାଧ୍ୟମ ଆପ୍ **ଟିକ୍‌ଟକ୍** ଉପରେ ଲାଗୁ ପ୍ରତିବନ୍ଧକକୁ ସେଠିକାର ସୁପ୍ରିମକୋର୍ଟ ବଳବତ୍ତର ରଖିଛି । ଚୀନ୍ କମ୍ପାନୀ ଦ୍ୱାରା ପରିଚାଳିତ ଏହି ଆପ୍ ଆମେରିକୀୟ କମ୍ପାନୀ ମାଲିକାନାକୁ ନ ଆସିବା ପର୍ଯ୍ୟନ୍ତ ଏହି ପ୍ରତିବନ୍ଧକ ବଳବତ୍ତର ରହିବ । ଆସନ୍ତାକାଲିଠାରୁ ୧୭୦ ମିଲିୟନ ଆମେରିକୀୟ ଟିକ୍‌ଟକ୍ ଆପ୍ ବ୍ୟବହାର କରିପାରିବେ ନାହିଁ । ଯୁକ୍ତରାଷ୍ଟ୍ରର ଆପ୍ ଷ୍ଟୋର୍ ଗୁଡ଼ିକରେ ଏହି ଆପ୍ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବ ନାହିଁ । ଟିକ୍‌ଟକ୍ ଉପରେ ଦେଶବ୍ୟାପୀ ପ୍ରତିବନ୍ଧକ ଲାଗୁ କରିବାରେ ଆମେରିକା’ ଭାରତ, ବ୍ରିଟେନ୍,

ଅଷ୍ଟ୍ରେଲିଆ, ବେଲ୍‌ଜିୟମ, କାନାଡା, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡ ସମେତ ଅନ୍ୟ ଦେଶଗୁଡ଼ିକ ସହ ସାମିଲ ହୋଇଛି । ବେଜିଂ ଗୁପ୍ତଚର କାର୍ଯ୍ୟ ପାଇଁ ଟିକ୍‌ଟକ୍ ବ୍ୟବହାର କରୁଛି ବୋଲି ଅଭିଯୋଗ କରି ଏହି ଦେଶଗୁଡ଼ିକ ପ୍ରତିବନ୍ଧକ ଲାଗୁ କରିଛନ୍ତି ।

## ଇଣ୍ଡିଆ-ୟୁଏସ୍ ଏମ୍‌ଓୟୁ

ଫୌଜଦାରୀ ତଦନ୍ତ କ୍ଷେତ୍ରରେ ସାଇବର ବିପଦ, ଗୁପ୍ତଚର ତଥା ଡିଜିଟାଲ୍ ଫରେନ୍‌ସିକ୍ ଉପରେ ସହଯୋଗ ଏବଂ ସୂଚନା ଆଦାନ ପ୍ରଦାନ ପାଇଁ ଭାରତ ଓ ଆମେରିକା ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେରିକାରେ ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଏବଂ ଓ୍ୱାଶିଂଟନ୍ ଡିସିରେ କାର୍ଯ୍ୟରତ ଆମେରିକାର ଡେପୁଟି ସେକ୍ରେଟାରୀ କ୍ରିଷ୍ଟି କାର୍ନିଗାଲ୍‌ଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

## ଇଡି-ସିଦ୍ଧରମୈୟା

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଅନ୍ୟମାନଙ୍କ ବିରୁଦ୍ଧରେ ମୁଦା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୩୦୦ କୋଟି ଟଙ୍କା ମୂଲ୍ୟର ୧୪୨ଟି ଅସ୍ଥାବର ସମ୍ପତ୍ତି ଜବତ କରିଛି । ମହୀଶୂର ସହରାଞ୍ଚଳ ବିକାଶ ପ୍ରାଧିକରଣ-ମୁଦା ଦ୍ୱାରା ଜମି ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ଇ.ଡି. ପକ୍ଷରୁ ଯାଞ୍ଚ କରାଯାଇଥିଲା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କହିଛି, କଳାଧନ ନିବାରଣ ଆଇନ ୨୦୦୨ର ଧାରା ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମୁଦା ଦ୍ୱାରା ଅର୍ଜନ

ହୋଇଥିବା  କିଛି ଜମି  ସିଦ୍ଧରମେୟାଙ୍କ ପତ୍ନୀଙ୍କ ନାମରେ ବେଆଇନ ଭାବେ ଆବଣ୍ଟିତ ହୋଇଛି । ଏହାଛଡ଼ା ରିୟଲ୍ ଇଷ୍ଟେଟ୍ ବ୍ୟବସାୟୀଙ୍କୁ କ୍ଷତିପୂରଣ ହିସାବରେ ମୁଦା ଦ୍ୱାରା ବେଆଇନ ଭାବେ ମଧ୍ୟ ବହୁ ଜମି ଆବଣ୍ଟିତ ହୋଇଛି । ସେହି ବ୍ୟବସାୟୀମାନେ ଜମି ବିକ୍ରି କରି ଅନେକ ଲାଭ ପାଇଥିଲେ ।

## କୁମ୍ଭବାଣୀ

ପ୍ରୟାଗରାଜର ମହାକୁମ୍ଭ ନଗରରେ ଶ୍ରଦ୍ଧାଳୁ ଏବଂ ତୀର୍ଥଯାତ୍ରୀମାନେ ଆକାଶବାଣୀର କୁମ୍ଭବାଣୀ ସମାଚାରର ସିଧାପ୍ରସାରଣ ଶୁଣିପାରିବେ । ଆଜି ସକାଳ ସାଢ଼େ ୮ଟା ସମୟରେ କୁମ୍ଭବାଣୀ ସମାଚାର ବୁଲେଟିନ୍ ମହାକୁମ୍ଭ ନଗରରେ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ମାଧ୍ୟମରେ ପ୍ରସାରିତ କରାଯାଇଛି । ଏହାଦ୍ୱାରା ଶ୍ରଦ୍ଧାଳୁ ଏବଂ ତୀର୍ଥଯାତ୍ରୀଙ୍କୁ ମେଳା ସମ୍ବନ୍ଧୀୟ ବିଭିନ୍ନ ସୂଚନା ମିଳିପାରୁଛି । କୁମ୍ଭବାଣୀ ସମାଚାର ସକାଳ ସାଢ଼େ୮ଟାରୁ ୮ଟା ୪୦ ମିନିଟ୍, ଅପରାହ୍ନ ସାଢ଼େ୨ଟାରୁ ୨ଟା୪୦ ଏବଂ ରାତି ସାଢ଼େ୮ଟାରୁ ୮ଟା ୪୦ ମିନିଟ୍ ପର୍ଯ୍ୟନ୍ତ ପ୍ରସାରିତ ହେଉଛି । ମହାକୁମ୍ଭ-୨୦୨୫କୁ ସମର୍ପିତ ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍ ଚଳିତମାସ ୧୦ ତାରିଖରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରୀୟ ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନଙ୍କ ଆଭାସୀ ଉପସ୍ଥିତିରେ ଆରମ୍ଭ ହୋଇଥିଲା । ଏହି ଚ୍ୟାନେଲ୍ ଆସନ୍ତାମାସ ୨୬ ତାରିଖ ପର୍ଯ୍ୟନ୍ତ ସମାଚାର ଓ ଅନ୍ୟ କାର୍ଯ୍ୟକ୍ରମର ପ୍ରସାରଣ କରିବ ।

## ବିଜେପି କର୍ଣ୍ଣାଟକ-ମୁଡା କେସ୍

କର୍ଣ୍ଣାଟକ ବିଜେପି ରାଜ୍ୟ ସଭାପତି ବି.ଓ୍ୱାଇ. ବିଜୟେନ୍ଦ୍ର କହିଛନ୍ତି, ମୁଡା ମାମଲା ସଂକ୍ରାନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଦୁର୍ନୀତିରେ ଲିପ୍ତ ଥିବାର ସ୍ପଷ୍ଟ ସୂଚନା ମିଳିଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ ବିଜୟେନ୍ଦ୍ର କହିଛନ୍ତି, ସିଦ୍ଧରମେୟା ତାଙ୍କର ରାଜନୈତିକ କ୍ଷମତାର ଦୁରୁପଯୋଗ କରି ନିଜ ପତ୍ନୀଙ୍କ ନାମରେ ଗୃହ ଆବଣ୍ଟନ କରିଛନ୍ତି । ଏହି ମାମଲାରେ ସିବିଆଇ ବ୍ୟାପକ ତଦନ୍ତ କରି ଦୁର୍ନୀତିକୁ ଲୋକଲୋଚନକୁ ଆଣୁ ଏବଂ ମାମଲାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ବିଜୟେନ୍ଦ୍ର ଦାବି କରିଛନ୍ତି ।

---

## ବ୍ୟାଡମିଣ୍ଟନ

ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚିରାଗ ସେଟ୍ଟି ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ଆଜି ସେମିଫାଇନାଲ୍ ଖେଳିବେ । ନୂଆଦିଲ୍ଲୀର କେ.ଡି. ଯାଦବ ଇନ୍‌ଡୋର ଷ୍ଟାଡିୟମରେ ଆଜି ସନ୍ଧ୍ୟାରେ ଏହି ଭାରତୀୟ ଯୋଡ଼ି ତୃତୀୟ ମାନ୍ୟତାପ୍ରାପ୍ତ ମାଲେସିଆର ଗୋହ ସେଫେଇ ଏବଂ ନୁର୍ ଇଜୁଦ୍ଦିନଙ୍କ ଯୋଡ଼ିକୁ ଭେଟିବେ । କ୍ୱାର୍ଟର ଫାଇନାଲ୍‌ରେ ଗତକାଲି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ଜିନ ୟୋଙ୍ଗ ଏବଂ କାଙ୍ଗ ମିନ ହ୍ୟୁକ୍‌ଙ୍କ ଯୋଡ଼ିକୁ ୨୧-୧୦ ଏବଂ ୨୧-୧୭ ପଏଣ୍ଟରେ ପରାସ୍ତ କରିଥିଲେ ।

---